# NATIONAL NEWS BULLETIN (ODIA)

## 23 July - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ଆଜି କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।
- ନିଟ୍ ୟୁ.ଜି. ମାମଲାରେ ପଦାର୍ଥ ବିଜ୍ଞାନ ପ୍ରଶ୍ନର ସଠିକ୍ ଉତ୍ତର ସମ୍ପର୍କିତ ରିପୋର୍ଟ ଆଜି ସୁପ୍ରିମ୍‌କୋର୍ଟରେ ଦାଖଲ କରିବ ଆଇ.ଆଇ.ଟି. ଦିଲ୍ଲୀ ।
- ଆଇ.ଏନ୍.ଏସ୍. ବ୍ରହ୍ମପୁତ୍ରରେ ନିଆଁ ଲାଗିବା ଘଟଣା ପରେ ଜଣେ ନାବିକ ନିଖୋଜ ।
- ବାଂଲାଦେଶରେ ହିଂସାତ୍ମକ ପ୍ରଦର୍ଶନ ପାଇଁ ବିରୋଧୀ ଦଳକୁ ଦାୟୀ କଲେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ।

ଏବଂ

- ମହିଳା ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍‌ରେ ଆଜି ଭାରତ-ନେପାଳ ଏବଂ ପାକିସ୍ତାନ-ୟୁ.ଏ.ଇ. ମଧ୍ୟରେ ମୁକାବିଲା ।

# ଫାଇନାନ୍ସ ମିନିଷ୍ଟର-ବଜେଟ୍

ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳି ସରକାରର ଏହା ପ୍ରଥମ ବଜେଟ୍ ହେବ । ଆଜି ମଧ୍ୟ ଜାମ୍ମୁ କାଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରାଯିବ । ଗତକାଲି ସଂସଦର ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ୨୦୨୩-୨୪ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ବେ ରିପୋର୍ଟ ଉପସ୍ଥାପିତ ହୋଇଥିଲା । ଏହି ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ମୋଟ୍ ୧୬ଟି କାର୍ଯ୍ୟଦିବସ ରହିଛି ।

ଗତକାଲି ସଂସଦ ବାହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଚଳିତ ବର୍ଷର ବଜେଟ୍ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଦେଶର ବିକାଶ ଯାତ୍ରାରେ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହେବ । ସେ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଦିଗରେ ଏହି ବଜେଟ୍ ପ୍ରମୁଖ ଭୂମିକା ଗ୍ରହଣ କରିବ ।

## ଏସ୍‌ସି ନିଟ୍ ଆଇଆଇଟି

ସର୍ବୋଚ୍ଚ ନ୍ୟାୟାଳୟ ଦିଲ୍ଲୀ ଆଇ.ଆଇ.ଟି.କୁ ଏକ ବିଶେଷଜ୍ଞ କମିଟି ଗଠନ କରି ଚଳିତ ବର୍ଷ ହୋଇଥିବା ନିଟ୍ ୟୁ.ଜି. ପରୀକ୍ଷାର ପଦାର୍ଥ ବିଜ୍ଞାନ ପ୍ରଶ୍ନର ସଠିକ୍ ଉତ୍ତର ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଟ୍ ୟୁ.ଜି. ପରୀକ୍ଷାର ପଦାର୍ଥ ବିଜ୍ଞାନର କେତେକ ପ୍ରଶ୍ନରେ ୨ଟି ବିକଳ୍ପ ଉତ୍ତରକୁ ଠିକ୍ ଦର୍ଶାଇ  ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ଅଧିକ ଗ୍ରେସ୍ ମାର୍କ ଦେଇଥିଲା । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆଜି ଦିନ ୧୨ଟା ସୁଦ୍ଧା ବିଶେଷଜ୍ଞ କମିଟିକୁ ରିପୋର୍ଟ ଉପସ୍ଥାପନ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ସୁପ୍ରିମ୍‌କୋର୍ଟରେ ଆଗତ ଆବେଦନ ଗୁଡ଼ିକରେ ପଦାର୍ଥ ବିଜ୍ଞାନ ପ୍ରଶ୍ନପତ୍ରରେ ଗ୍ରେସ୍ ମାର୍କ ଜରିଆରେ ଅନିୟମିତତା ହୋଇଥିବା ଦର୍ଶାଯାଇଛି । ଯାହାଫଳରେ ୪୪ ଜଣ ପରୀକ୍ଷାର୍ଥୀ  ଶତପ୍ରତିଶତ ମାର୍କ ହାସଲ କରିଥିଲେ ।

## ସେଲର ମିସିଙ୍ଗ୍

ଭାରତୀୟ ନୌସେନାର ଜାହାଜ ଆଇ.ଏନ୍.ଏସ୍. ବ୍ରହ୍ମପୁତ୍ରରେ ନିଆଁ ଲାଗିବା ଘଟଣା ପରେ ଜଣେ ନାବିକ ନିଖୋଜ ଥିବା ଜଣାପଡ଼ିଛି । ଗତ ରବିବାର ସନ୍ଧ୍ୟାରେ ସେହି ଜାହାଜରେ ନିଆଁ ଲାଗିଯାଇଥିଲା । ମୁମ୍ବାଇର ନୌସେନା ଜାହାଜ ମରାମତି କାରଖାନାରେ ଜାହାଜଟିର ମରାମତି କାର୍ଯ୍ୟ

ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ସେହି ବନ୍ଦର ଅଞ୍ଚଳ ଏବଂ ଜାହାଜ ମଧ୍ୟରେ ଥିବା ସମସ୍ତ ସଦସ୍ୟ, ଅଗ୍ନିସମ ବିଭାଗ ଓ ଅନ୍ୟ ଜାହାଜର କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା । ନିଖୋଜ ନାବିକଙ୍କୁ ଖୋଜିବା ଲାଗି ଅଭିଯାନ ଆରମ୍ଭ ହୋଇଛି । ଅନ୍ୟ ପକ୍ଷରେ ଆଇ.ଏନ୍.ଏସ୍. ବ୍ରହ୍ମପୁତ୍ରରେ ଅଗ୍ନିକାଣ୍ଡ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ ମଧ୍ୟ କରାଯାଉଛି । ସୂଚନା ଅନୁଯାୟୀ ଜାହାଜ ଗୋଟିଏ ପଟକୁ ଢଳି ଯାଇଛି । ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ଅନେକ ଉଦ୍ୟମ ସତ୍ତ୍ୱେ ଜାହାଜକୁ ସିଧା କରାଯାଇପାରୁ ନାହିଁ । ଇତିମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟଣାର ଉଚ୍ଚସ୍ତରୀୟ ଯାଞ୍ଚ୍ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଅମରନାଥ ଯାତ୍ରା

ଅମରନାଥ ଗୁମ୍ଫା ଦର୍ଶନ ପାଇଁ ଜାମ୍ମୁର ଭଗବତୀ ନଗର ଯାତ୍ରୀ ନିବାସର ମୂଳ କ୍ୟାମ୍ପ୍‌ରୁ ଆଜି ସକାଳୁ ୨ହଜାର ୪୮୪ ଜଣ ତୀର୍ଥ ଯାତ୍ରୀ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ୯୧ଟି ଦଳରେ ଯାତ୍ରା କରୁଥିବା ଏହି ତୀର୍ଥ ଯାତ୍ରୀଙ୍କ ମଧ୍ୟରୁ ୭୭୦ ଜଣ ବଲତାଲ୍ ମୂଳ କ୍ୟାମ୍ପ୍ ଏବଂ ୧ହଜାର ୭୧୪ ଜଣ ପହଲକାମ୍ ମୂଳ କ୍ୟାମ୍ପ୍‌ରୁ ଅଛନ୍ତି ।

## ଏଆଇଏଆଇ-ଇକୋନମିକ୍ ସର୍ଭେ

ଅଖିଳ ଭାରତୀୟ ଉଦ୍ୟୋଗୀ ସଂଗଠନ ଆର୍ଥିକ ସର୍ବେକ୍ଷଣରେ ଚଳିତ ବର୍ଷ ଜି.ଡି.ପି. ୬ ଦଶମିକ୍ ୫ରୁ ୭ ପ୍ରତିଶତ ବୃଦ୍ଧି ଆକଳନକୁ ଭାରତୀୟ ଅର୍ଥନୀତିର ସଫଳତା ବୋଲି ବର୍ଣ୍ଣନା କରିଛି । ସଂଗଠନର ଅଧ୍ୟକ୍ଷ ଡକ୍ଟର ବିଜୟ କାଲାନ୍ତରୀ କହିଛନ୍ତି, ଏହି ସର୍ବେକ୍ଷଣରେ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗକୁ ଅର୍ଥ ବ୍ୟବସ୍ଥା ଆଧାରରେ ଚିହ୍ନଟ କରାଯିବା ପ୍ରକ୍ରିୟା ସଠିକ୍ ଅଟେ । ସେ କହିଛନ୍ତି, ଏମ୍.ଏସ୍.ଏମ୍.ଇ. କ୍ଷେତ୍ରର ଡିଜିଟାଇଜେସନ୍ ଏବଂ ନୂତନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଆର୍ଥିକ ବୃଦ୍ଧିକୁ ଗତିଶୀଳ କରିବା ଲାଗି ଅମୃତ କାଳରେ ନୂଆ ନୀତି ଆପଣାଇବା ଆଶାସଞ୍ଚାର କରିଛି ବୋଲି ସେ କହିଛନ୍ତି । ସେହି ୬ଟି କ୍ଷେତ୍ର ମଧ୍ୟରେ କୃଷି, ଏମ୍.ଏସ୍.ଏମ୍.ଇ., ପୁଞ୍ଜିନିବେଶ, ସବୁଜ ପରିବର୍ତ୍ତନ, ଅର୍ଥ ଏବଂ ଶିକ୍ଷା ଭଳି କ୍ଷେତ୍ର ରହିଛି ।

## ଭାରତୀୟ ଶ୍ରମିକ

ଇସ୍ରାଏଲ୍‌ରେ ୪ ହଜାର ୮୨୫ ଜଣ ଭାରତୀୟ ଶ୍ରମିକ ନିୟୋଜନ ହୋଇଥିବା କେନ୍ଦ୍ର ସରକାର କହିଛନ୍ତି । ଗତକାଲି ଲୋକସଭାରେ ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି, ଇସ୍ରାଏଲ୍‌ରେ ଭାରତୀୟ ଶ୍ରମିକଙ୍କ ନିୟୋଜନ ନେଇ କୌଣସି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍

ଅଭିଯୋଗ କରିନାହାନ୍ତି । ଇସ୍ରାଏଲ୍‌ର ଶ୍ରମ ଆଇନ୍ ଓ ଅଧିକାର ଅନୁଯାୟୀ ଭାରତୀୟ ଶ୍ରମିକମାନେ ବୁଝାମଣାପତ୍ର ସ୍ୱାକ୍ଷର କରି ସେଠାରେ ନିୟୋଜନ ହୋଇଛନ୍ତି । ସେମାନଙ୍କୁ ରହିବା, ମେଡିକାଲ୍ ସୁବିଧା ଏବଂ ସାମାଜିକ ସୁରକ୍ଷା ଯୋଗଇ ଦିଆଯାଉଥିବା ମନ୍ତ୍ରୀ ଗୃହକୁ ଜଣାଇଛନ୍ତି । ଏହି ଶ୍ରମିକଙ୍କ ମଧ୍ୟରେ ୪ହଜାର ୪୧୫ ଜଣ ଉତ୍ତର ପ୍ରଦେଶର ହୋଇଥିବା ସେ ଗୃହକୁ ଜଣାଇଛନ୍ତି ।

## ବାଂଲାଦେଶ-ପିଏମ୍

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ସରକାରୀ ଚାକିରୀରେ ସଂରକ୍ଷଣ ବିରୋଧରେ ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନ ସମୟରେ ଘଟିଥିବା ହିଂସାତ୍ମକ ଘଟଣା ପାଇଁ ବିରୋଧୀ ଦଳ ଗୁଡ଼ିକୁ ଦାୟୀ କରିଛନ୍ତି । ସୁଶ୍ରୀ ହସିନା ରାଜଧାନୀ ଢାକାରେ ଉଦ୍ୟୋଗ ଜଗତର ଶୀର୍ଷ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପରିସ୍ଥିତିରେ ସୁଧାର ଆସିଲେ କର୍ଫ୍ୟୁ ହଟାଇ ଦିଆଯିବ । ସେ କହିଛନ୍ତି, ଲୋକମାନଙ୍କ ଧନଜୀବନ ସୁରକ୍ଷା ଲାଗି ତାଙ୍କ ସରକାର କର୍ଫ୍ୟୁ ଲଗାଇବା ପାଇଁ ବାଧ୍ୟ ହୋଇଥିଲେ । ଗତ ରବିବାର ସେଠାକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ସଂରକ୍ଷଣ ପ୍ରତିଶତ ହ୍ରାସ କରାଯିବାର ଗୋଟିଏ ଦିନ ପରେ ଶେଖ୍ ହସିନା ଏହା କହିଛନ୍ତି । ତେବେ ସେଠାରେ

ଘଟିଥିବା ହିଂସାତ୍ମକ ଘଟଣାରେ ୧୪୭ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

## କ୍ଲାସିକାଲ୍ ଲାଙ୍ଗୁଏଜ୍

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି, ୬ଟି ଭାରତୀୟ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି । ଗତକାଲି ଲୋକସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ ଶ୍ରୀ ଶେଖାୱତ୍ କହିଛନ୍ତି, ତାମିଲ୍, ସଂସ୍କୃତ, କନ୍ନଡ, ତେଲୁଗୁ, ମାଲାୟଲମ୍ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦିଆଯାଇଛି । କେନ୍ଦ୍ର ସରକାର ଏହିସବୁ ଭାଷା ଗୁଡ଼ିକର ବିକାଶ ସମେତ ସମସ୍ତ ଭାରତୀୟ ଭାଷାର ଉନ୍ନତି ଲାଗି କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ରେ ସମସ୍ତ ଭାରତୀୟ ଭାଷାର ଯଥେଷ୍ଟ ବିକାଶ ଲାଗି ବ୍ୟବସ୍ଥା କରାଯାଇଛି । କେନ୍ଦ୍ରୀୟ ଭାରତୀୟ ଭାଷା ପ୍ରତିଷ୍ଠାନ ସମସ୍ତ ଭାଷା ସମେତ କନ୍ନଡ଼, ତେଲୁଗୁ, ମାଲାୟଲମ୍ ଏବଂ ଓଡ଼ିଆ ଭାଷାର ବିକାଶ ଲାଗି ନିରନ୍ତର କାର୍ଯ୍ୟ କରୁଥିବା ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ସଂସ୍କୃତ ଭାଷାର ଅଧିକରୁ ଅଧିକ ବ୍ୟବହାର ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି ।

## କୋଇଲା

୨୦୨୩-୨୪ ଆର୍ଥିକ ବର୍ଷରେ ଘରୋଇ କୋଇଲା ଉତ୍ପାଦନରେ ୧୧ ଦଶମିକ୍ ୬/୫ ପ୍ରତିଶତ ବୃଦ୍ଧି ଘଟିଛି । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ ଗତକାଲି ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ୨୦୨୩-୨୪ରେ କୋଇଲା ଉତ୍ପାଦନ ୯୯୭ ଦଶମିକ୍ ୨/୬ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇଥିଲା । ୨୦୨୨-୨୩ରେ ଏହି ପରିମାଣ ୮୯୩ ଦଶମିକ୍ ୧/୯ ମିଲିୟନ୍ ଟନ୍ ଥିଲା । ସେ ରେଡ୍ଡୀ କହିଛନ୍ତି, ଗତ ବର୍ଷ ତୁଳନାରେ ଚଳିତ ବର୍ଷ କୋଇଲା ଆବଶ୍ୟକତା ୧ହଜାର ୨୩୩ ଦଶମିକ୍ ୮/୬ ମିଲିୟନ୍ ଟନ୍‌କୁ ବୃଦ୍ଧି ପାଇଛି । ସେ କହିଛନ୍ତି, ୨୦୨୯-୩୦ ସୁଦ୍ଧା ଦେଶରେ କୋଇଲା ଆବଶ୍ୟକତା ୧ ଦଶମିକ୍ ୫ ବିଲିୟନ୍ ଟନ୍ ସ୍ତରରେ ପହଞ୍ଚିବ । ଦେଶରେ କୋଇଲା ଉତ୍ପାଦନ ବୃଦ୍ଧି ଲାଗି ସରକାର ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି ।

## ସୋସିଆଲ୍ ଜଷ୍ଟିସ୍ ଏମ୍.ଓ.ୟୁ.

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧୀନସ୍ଥ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ଘରୋଇ ପ୍ରତିଷ୍ଠାନ ଓ ଷ୍ଟାର୍ଟଅପ୍ ଗୁଡ଼ିକ ସହ ୭୨ଟି

ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଏହାଦ୍ୱାରା ସାମାଜିକ, ଶିକ୍ଷାଗତ ଏବଂ ଅର୍ଥନୈତିକ ଭାବେ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ କରାଯାଇ ପାରିବ । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଏବଂ ରାଷ୍ଟ୍ର ମନ୍ତ୍ରୀ ବି.ଏଲ୍. ବର୍ମାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।

ଏହି ଅବସରରେ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର କହିଛନ୍ତି, ବୁଝାମଣାପତ୍ର ସ୍ୱାକ୍ଷର ହେବା ସରକାରଙ୍କ ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧତା ଦର୍ଶାଉଛି । ସେ କହିଛନ୍ତି, ଦିବ୍ୟାଙ୍ଗମାନଙ୍କ ମଧ୍ୟରେ ଅଶେଷ ଶକ୍ତି ରହିଛି, ଯାହା ସୁଯୋଗ ମିଳିଲେ ସଶକ୍ତ ହୋଇପାରିବ ।

## ଚୀନ୍-ଫ୍ଲଡ୍

ଚୀନ୍‌ର ଦକ୍ଷିଣ ପଶ୍ଚିମ ସିଚୁଆନ୍ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଛି । ସେଠାକାର ଅଧିକାରୀଙ୍କ ସୂଚନା ଅନୁଯାୟୀ ସମସ୍ତଙ୍କ ମୃତ ଦେହକୁ ଉଦ୍ଧାର କରାଯାଇଛି । ଏବେ ମଧ୍ୟ ୨୫ ଜଣ ଲୋକ ନିଖୋଜ ଥିବା ଜଣାପଡ଼ିଛି । ଉଦ୍ଧାରକାରୀ ଡ୍ରୋନ୍, ସନ୍ଧାନୀ କୁକୁର ଏବଂ ଜୀବନରକ୍ଷାକାରୀ ଉପକରଣ ସହାୟତାରେ ତଲାସି ଅଭିଯାନ ଜାରି ରହିଛି । ଗତ ଶନିବାର ସକାଳେ ପ୍ରବଳ ବର୍ଷା ହେବାରୁ ସେଠାକାର ଏକ ନଦୀରେ ଅଚାନକ ବନ୍ୟା

ଆସିଥିଲା । ଏଥିରେ ସିହ୍ନୁଆ ଗ୍ରାମର ୪୦ରୁ ଅଧିକ ବାସଗୃହ କ୍ଷତିଗ୍ରସ୍ତ ହୋଇଥିଲା ।

## ଏସିଆକପ୍ କ୍ରିକେଟ୍

ମହିଳା ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ଶୃଙ୍ଖଳାରେ ଆଜି ଗ୍ରୁପ୍-ଏରେ ଶ୍ରୀଲଙ୍କାର ଦାମ୍ବୁଲା ଠାରେ ଭାରତ-ନେପାଳ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ଭାରତୀୟ ମହିଳା କ୍ରିକେଟ୍ ଦଳ ଗ୍ରୁପ୍-ଏ ର ଶୀର୍ଷ ସ୍ଥାନରେ ରହିଛନ୍ତି । ଅଧିନାୟକ ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ଏହି ଶୃଙ୍ଖଳାରେ ପାକିସ୍ତାନ ଏବଂ ୟୁ.ଏ.ଇ.କୁ ପରାସ୍ତ କରିସାରିଛି ।

ଅନ୍ୟ ଏକ ମ୍ୟାଚ୍‌ରେ ଅପରାହ୍ଣ ୨ଟାରେ ପାକିସ୍ତାନ ଏବଂ ୟୁ.ଏ.ଇ. ମଧ୍ୟରେ ମୁକାବିଲା ହେବ । ଗତକାଲି ଗ୍ରୁପ୍-ବିର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କାର ମାଲେସିଆକୁ ୧୪୪ରନ୍‌ରେ ପରାସ୍ତ କରିଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ବିନିମୟରେ ୧୮୪ରନ୍ ସ୍କୋର କରିଥିଲା । ମାଲେସିଆ ୧୯ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୪୦ରନ୍ କରିବାକୁ ସକ୍ଷମ ହୋଇଥିଲା । ଗ୍ରୁପ୍-ବି ର ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ’ ଥାଇଲାଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଥାଇଲାଣ୍ଡ ୨୦

ଓଭରରେ ୯ ଓ୍ୱିକେଟ୍ ବିନିମୟରେ ୯୬ରନ୍ ସ୍କୋର କରିଥିଲା । ଏହାର ଜବାବରେ ବାଂଲାଦେଶ ୧୭ ଓଭର ୩ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ୧୦୦ରନ୍ ସ୍କୋର କରି ବିଜୟ ଲାଭ କରିଥିଲା ।